**ଖାଦ୍ୟ ସୁରକ୍ଷା ଟିମ୍‌ର ଯାଞ୍ଚ**

କଣିହାଁ,(ସଚ୍ଚିଦାନନ୍ଦ ପ୍ରଧାନ): କଣିହାଁ ସଦର ମହକୁମା ବଜାରରେ ବୁଧବାର ଖାଦ୍ୟ ସୁରକ୍ଷା ଟିମ୍ ପକ୍ଷରୁ ଖାଦ୍ୟର ମାନ ଯାଞ୍ଚ କରାଯାଇଥିଲା। ଚଢାଉ ସମୟରେ ୪୫୦୦ ଟଙ୍କା ଜରିମାନା ଆଦାୟ କରାଯାଇଥିଲା। କଣିହାଁ ତହସିଲଦାର ଚିନ୍ମୟ ଦାସଙ୍କ ନିର୍ଦ୍ଦେଶରେ ଟିମ୍‌ରେ ଖାଦ୍ୟ ପରିଦର୍ଶକଙ୍କ ସହିତ ଖାଦ୍ୟ ଯୋଗାଣ ନିରୀକ୍ଷକ କ୍ରିଷ୍ଣା ଭାରତୀ, କଣିହାଁ ରାଜସ୍ୱ ନିରୀକ୍ଷକ ଦ୍ୱିଜବର ସ୍ୱାଇଁ, ରାଜସ୍ୱ ପରିଦର୍ଶକ ଅଶୋକ କୁମାର ହୋତା ପ୍ରମୁଖ ସାମିଲ ଥିଲେ।

# ଜିଲାସ୍ତରୀୟ ପ୍ରତିଯୋଗିତାରେ ସଫଳତା

ଆଠମଲ୍ଲିକ,୭।୨(ଉଦୀପ୍ତ ପୁରୋହିତ)

ଅନୁଗୋଳ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ଜିଲାସ୍ତରୀୟ ବିଭିନ୍ନ ପ୍ରତିଯୋଗିତାରେ ଆଠମଲ୍ଲିକର ଛାତ୍ରୀମାନେ ସଫଳତା ଅର୍ଜନ କରିଛନ୍ତି। ଆଠମଲ୍ଲିକ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ଛାତ୍ରୀ କ୍ରିତିକା ରଣା ପ୍ରଥମ, ଚିତ୍ରାଙ୍କନ ପ୍ରତିଯୋଗିତାରେ ପ୍ରଜ୍ଞାପରମିତା ପୁରୋହିତ ଦ୍ୱିତୀୟ, ସାଂସ୍କୃତିକ ପ୍ରଦର୍ଶନୀ ପ୍ରତିଯୋଗିତାର ସୋନିକା ଚାଉଳିଆ ତୃତୀୟ, ସଲିନ ପ୍ରଧାନ ତୃତୀୟ ହୋଇଥିବା ସିଆର୍‌ସିସି ତିଳୋତ୍ତମା ସାହୁ ସୂଚନା ଦେଇଛନ୍ତି। ଜିଲାସ୍ତରୀୟ ପ୍ରତିଯୋଗିତାର ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲାପାଳ ପ୍ରତାପ ପ୍ରୀତିମୟ, ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ଅଜୟ ପାତ୍ର, ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ପ୍ରତିଭା ବାରିକ ଯୋଗଦେଇ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରିଥିଲେ। ବିଆର୍‌ସିସି ଛବିନାରାୟଣ ସୀଠ ଓ ସିଆରସିସି ତିଳୋତ୍ତମା ସାହୁଙ୍କ ନେତୃତ୍ୱରେ ଆଠମଲ୍ଲିକ ବ୍ଲକସ୍ତରୀୟ ପ୍ରତିଯୋଗିତାର ୧୨ ଜଣ କୃତୀ ଛାତ୍ରୀଛାତ୍ର ଜିଲାସ୍ତରୀୟ ପ୍ରତିଯୋଗିତାରେ ଭାଗ ନେଇଥିଲେ।



ଜଣେ କୃତୀ ଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରାଯାଉଛି।

# ଜଙ୍ଗଲ ସୁରକ୍ଷା ସମ୍ପର୍କରେ କରାଗଲା ସଚେତନ


ଅନୁଗୋଳ ସାଥୀ ପରିବାର ପକ୍ଷରୁ ଜଙ୍ଗଲ ସୁରକ୍ଷା, ପରିବେଶ ରକ୍ଷା ସମ୍ବନ୍ଧୀୟ ସଚେତନତା ସୃଷ୍ଟି କରାଯାଉଛି।

ଆଠମଲ୍ଲିକ,୭।୨(ଉଦିପ୍ତ ପୁରୋହିତ)

ଅନୁଗୋଳ ସାଥୀ ପରିବାର ପକ୍ଷରୁ ଜଙ୍ଗଲ ସୁରକ୍ଷା, ପରିବେଶ ରକ୍ଷା ସମ୍ବନ୍ଧୀୟ ବିଭିନ୍ନ ବାର୍ତ୍ତାକୁ ଘରେ ଘରେ ପଞ୍ଚାଇବା ପାଇଁ ସାଇକେଲ ମାଧ୍ୟମରେ ସଚେତନତା ଶୋଭାଯାତ୍ରା କରାଯାଇଛି। ବିନିକେୟୀ ପୀଠରୁ ଆଠମଲ୍ଲିକ ସହର ପର୍ଯ୍ୟନ୍ତ ବିଭିନ୍ନ ଜଙ୍ଗଲ ନିକଟବର୍ତ୍ତୀ ଗ୍ରାମ ତଥା ଅନୁଷ୍ଠାନରେ ସାଥି ପରିବାର, ଅନୁଗୋଳ ପକ୍ଷରୁ ପ୍ରକୃତି ଓ ପରିବେଶ ସୁରକ୍ଷା ଉପରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ସାମାଜିକ କର୍ମୀ ସୁଶାନ୍ତ କୁମାର ତ୍ରିପାଠୀ, ସମ୍ପାଦକ ସୁବ୍ରତ ପ୍ରଧାନ, ସଭ୍ୟ ରାଜେଶ ରଞ୍ଜନ ସାହୁ, ପିଣ୍ଟୁ ବେହେରା, ସୌମ୍ୟରଞ୍ଜନ ଥପ ପ୍ରମୁଖ ଅନୁଗୋଳ ସହରରୁ ସାଇକେଲ ଶୋଭାଯାତ୍ରାରେ ବାହାରି ଗାଁ ଗାଁ ବୁଲି ଜନସାଧାରଣଙ୍କୁ ସଚେତନ କରିଥିଲେ। ଅଏଡା ସମାଧାନ ଶିକ୍ଷା ନିକେତନରେ ଉପଦେଷ୍ଟା ରମେଶ ମହାନ୍ତିଙ୍କ ନେତୃତ୍ୱରେ ଅଧ୍ୟକ୍ଷ ବିକାଶ ମହାକୁଡ଼ଙ୍କ ସମେତ ସମସ୍ତ ଗୁରୁମାଗୁରୁଜୀ ଏବଂ ଛାତ୍ରୀଛାତ୍ର ସାଥି ପରିବାର ଟିମ୍‌କୁ ସ୍ୱାଗତ କରିଥିଲେ ଏବଂ ସେଠାରେ ତ୍ରିପାଠୀ ଛାତ୍ରୀଛାତ୍ରଙ୍କୁ ସଚେତନ କରିଥିଲେ। ଅପରାହ୍ନ ୪ଟାରେ ଆଠମଲ୍ଲିକ ସହରରେ ପହଞ୍ଚିବା ପରେ ସେଠାରେ ସାମାଜିକ କର୍ମୀ ବିନୟ କୁମାର ପଟ୍ଟନାୟକ, ଆଇନଜୀବୀ ଭବାନୀ ପ୍ରସାଦ ଜ୍ୟୋତିଷରାୟ, ସଂକୀର୍ତ୍ତନ ମେଣ୍ଟୁଳି, ସୁଶାନ୍ତ ପ୍ରଧାନ ଏବଂ ବହୁ ଜନସାଧାରଣ ଏହି ଟିମ୍‌କୁ ସ୍ୱାଗତ କରିଥିଲେ। ସେହିପରି ବୁଧବାର ଠାକୁରଗଡ଼ ବାଟ ଦେଇ ୨୫ଟି ଗାଁ ମଧ୍ୟରେ ସଚେତନତା ସାଇକେଲ ରାଲି ଯାଇ ମାନଜୋର ଡ୍ୟାମ ନିକଟରେ ରାତ୍ରି ଯାପନ କରିଥିବା ଜଣାପଡ଼ିଛି। ଫେବୃଆରୀ ୯ ତାରିଖ ପର୍ଯ୍ୟନ୍ତ ଏହି କାର୍ଯ୍ୟକ୍ରମ ଚାଲିବ ବୋଲି ଅନୁଷ୍ଠାନ ପକ୍ଷରୁ ସୂଚନା ଦିଆଯାଇଛି।

# ମାମଲା ରଫାଦଫା କରିବାକୁ ଲାଞ୍ଚ ଅଡିଓ ଭାଇରାଲ

**ଅଭିଯୁକ୍ତଙ୍କୁ ଜାଲରେ ପକାଇବାକୁ ହୋଇଥିଲା ଯୋଜନା- ଥାନାଧିକାରୀ**

ଅନୁଗୋଳ,୭।୨ (ଅମିତ କୁମାର ସାମଲ)

ଅନୁଗୋଳ ଜିଲାର ଜଣେ ଥାନା ଅଧିକାରୀ ଏକ ମାମଲାର ରଫାଦଫା କରିବାକୁ ଜନୈକ ଅଭିଯୁକ୍ତଙ୍କ ସହ ଫୋନରେ କଥା ହେବା ବେଳେ ଲାଞ୍ଚ ମାଗୁଥିବା ଅଡିଓ ବୁଧବାର ସାମାଜିକ ଗଣମାଧ୍ୟମରେ ଭାଇରାଲ ହୋଇଛି। ତେବେ ଏହି ଅଡିଓ ମାସକ ତଳର ବୋଲି ସୂଚନା ମିଳିଛି। ଇତିମଧ୍ୟରେ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ମଧ୍ୟ ଥାନା ପକ୍ଷରୁ ଗିରଫ କରାଯାଇସାରିଛି। ତେବେ ପୁରୁଣା ହେଲେ ବି ଏପରି ଅଡିଓ ଭାଇରାଲ ହେବା ପରେ ଘଟଣା ଜିଲାରେ ଚର୍ଚ୍ଚାର ବିଷୟ ହୋଇଛି।

ଭାଇରାଲ ଅଡିଓରୁ ଯାହା ଜଣାପଡୁଛି, ଅଭିଯୁକ୍ତଙ୍କ ନାମରେ ଉକ୍ତ ଥାନାରେ ନଂ. ୪୫୫ ଏବଂ ୪୫୬ରେ ଗତ ଡିସେମ୍ବର ୨୪ରେ ମାମଲା ରୁଜୁ ହୋଇଥିଲା। ଉକ୍ତ ମାମଲାକୁ ରଫାଦଫା କରିବାକୁ ସମ୍ପୃକ୍ତ ଅଭିଯୁକ୍ତ ଓ ଥାନା ଅଧିକାରୀଙ୍କ ମଧ୍ୟରେ ଫୋନରେ କଥାବାର୍ତ୍ତା ଚାଲିଥିଲା। ଅଭିଯୁକ୍ତଙ୍କ ଠାରୁ ସିଧାସଳଖ ଟଙ୍କା ନେବାକୁ ଥାନାଅଧିକାରୀ ମନା କରୁଥିବାବେଳେ ତାଙ୍କ ଦାଦାଙ୍କ ନିକଟରୁ ଟଙ୍କା ନେବା କଥା କହୁଛନ୍ତି। ଏହାକୁ ନେଇ ଥାନା ଅଧିକାରୀ ଓ ଅଭିଯୁକ୍ତ ମଧ୍ୟରେ ଢେର ସମୟ ଧରି ବାର୍ତ୍ତାଳାପ ଚାଲିଥିଲା। ଏହି ଅଡିଓ ଭାଇରାଲ ହେବା ପରେ ସମ୍ପୃକ୍ତ ଥାନା ଅଧିକାରୀ କହିଛନ୍ତି, ଟଙ୍କା ନେଇଥିଲେ ଅଭିଯୁକ୍ତ ଗିରଫ ହୋଇ ଜେଲ ଯାଇ ନ ଥାନ୍ତା। ତାଙ୍କୁ ଧରିବାକୁ ଏଭଳି ଜାଲ ବିଛା ଯାଇଥିଲା। ଅଭିଯୁକ୍ତଙ୍କ ନାମରେ ୧୫ରୁ ଅଧିକ ମାମଲା ରହିଥିବାବେଳେ ଗତ ଜାନୁଆରୀ ୮ ତାରିଖରେ ତାଙ୍କୁ ଗିରଫ କରାଯାଇଥିଲା। କାହା ନିକଟରୁ ଟଙ୍କା ନେଇନାହିଁ। ଅନୁଗୋଳ ଏସ୍‌ଡିପିଓ ରମାକାନ୍ତ ମାହାଳିକ କହିଛନ୍ତି, ଘଟଣାର ଅନୁଧ୍ୟାନ କରାଯିବ।

# ଦୁର୍ଘଟଣା ରୋକିବା ଉପରେ ଚାଳକମାନେ ଗୁରୁତ୍ୱ ଦିଅନ୍ତୁ



ମା' ମାହେଶ୍ୱରୀ ଅଟୋ ଆସୋସିଏଶନର ପଞ୍ଚମ ବାର୍ଷିକ ଉତ୍ସବରେ ଯୋଗ ଦେଇଥିବା ଅତିଥିମାନେ।

ବଇଣ୍ଡା,୭।୨(ପରିକ୍ଷିତ ସାହୁ)

ଚାଳକମାନେ ସଚେତନତା ରହିଲେ ଅନେକ ଦୁର୍ଘଟଣା କମିଯିବ। ତେଣୁ ଚାଳକମାନେ ଅଧିକ ଯତ୍ନବାନ ହୋଇ ଗାଡ଼ି ଚଳାନ୍ତୁ ବୋଲି ସୋମବାର କିଶୋରନଗର ବ୍ଲକ ବାମୁରଠାରେ ମା' ମାହେଶ୍ୱରୀ ଅଟୋ ଆସୋସିଏଶନର ପଞ୍ଚମ ବାର୍ଷିକ ଉତ୍ସବରେ ଯୋଗ ଦେଇଥିବା ଅତିଥିମାନେ ମତ ପ୍ରକାଶ କରିଛନ୍ତି। ଅଧ୍ୟାପକ ଜୟକୃଷ୍ଣ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବାର୍ଷିକ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବାମୁର ସରପଞ୍ଚ ସଞ୍ଜୀବ କୁମାର ପ୍ରଧାନ, ମୁଖ୍ୟବକ୍ତା ଭାବେ କିଶୋରନଗର ଯୁକ୍ତ ୨ କଲେଜ ଅଧ୍ୟକ୍ଷ ସୁଶାନ୍ତ କୁମାର ପ୍ରଧାନ, ଅନ୍ୟତମ ଅତିଥି ଭାବେ ବ୍ଲକ ଉପାଧ୍ୟକ୍ଷ ଲବ କୁମାର ପ୍ରଧାନ, ବାମୁର ରେଞ୍ଜର ସରୋଜ ମିଶ୍ର, ଶିକ୍ଷକ ଗଦାଧର ନାୟକ, ନଳିନୀ ରଞ୍ଜନ ପ୍ରଧାନ, ସଭାପତି ମନୋରଞ୍ଜନ ପ୍ରଧାନ, ସମ୍ପାଦକ ମଧୁସୂଦନ ଦେହୁରୀ, ପୂର୍ବତନ ସଭାପତି ଆଦିତ୍ୟ ଚରଣ ପ୍ରଧାନ ଯୋଗ ଦେଇଥିଲେ। ଅଗସ୍ତି ସାହୁ ପରିଚାଳନା କରିଥିବାବେଳେ ରୁଦ୍ର ନାରାୟଣ ପ୍ରଧାନ, ବଳରାମ ବେହେରା ସହଯୋଗ କରିଥିଲେ।

## ଅନୁକୂଳଚନ୍ଦ୍ରଙ୍କ ଜନ୍ମ ମହୋତ୍ସବ

ଆଠମଲ୍ଲିକ,୭।୨(ଉଦୀପ୍ତ ପୁରୋହିତ)

ଆଠମଲ୍ଲିକ କଲେଜ ରୋଡ୍‌ସ୍ଥିତ ସତ୍‌ସଙ୍ଗ ବିହାର ପରିସରରେ ଠାକୁର ଅନୁକୂଳଚନ୍ଦ୍ରଙ୍କ ଜନ୍ମ ମହୋତ୍ସବ ପାଳିତ ହୋଇଯାଇଛି। କୁମୁଦ ଚନ୍ଦ୍ର ପ୍ରଧାନଙ୍କ ନେତୃତ୍ୱରେ ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ପ୍ରାଧାପକ ବିଜୟ କୁମାର ପରିଡ଼ା ଯୋଗଦେଇ ଠାକୁରଙ୍କ ଶରଣାପନ୍ନ ହୋଇ ପରିବାର ଓ ସମାଜ ପାଇଁ ଭଲ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ। ଗୁରୁଭାଇ ବିକ୍ରମ ୱାସିନ ଶେକ ଭଜନ ପରିବେଷଣ କରିଥିଲେ। ଅନିଲ କୁମାର ପ୍ରଧାନ ପ୍ରାରମ୍ଭିକ ସୂଚନା ଦେଇଥିଲା ବେଳେ ଭୀମସେନ ବଘାର, ଭାସ୍କର ସାହୁ, ବିଜୟ କୁମାର ମହାକୁଡ, ବିନୟ ପ୍ରଧାନ, ଦିଲୀପ କୁମାର ପାତ୍ର, ବାଞ୍ଛାନିଧି ପ୍ରଧାନ, ଅର୍ଜୁନ ରାଉଳ, ଯାଦବ କର୍ମୀ, ବିଦ୍ୟୁତ ପାଣିଗ୍ରାହୀ, କେଶବ ସାହୁ ପ୍ରମୁଖ ସହଯୋଗ କରିଥିଲେ।

# ପଞ୍ଚାୟତସ୍ତରୀୟ ସଚେତନତା ଶିବିର




ଛେଣ୍ଡିପଦା,୭।୨(ଅଜିତ ଧଳ)

ଛେଣ୍ଡିପଦା ବ୍ଲକ କମ୍ପସଲା, ବାହାଳସାହି ଓ କତଡା ପଞ୍ଚାୟତରେ ଏକ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଛେଣ୍ଡିପଦା ବିଡିଓ ତ୍ରିବିକ୍ରମ କୁମୁରାଙ୍କ ତତ୍ତ୍ୱାବଧାନରେ ପ୍ରତ୍ୟେକ ପଞ୍ଚାୟତର କାର୍ଯ୍ୟନିର୍ବାହୀ ଅଧିକାରୀ, ଯନ୍ତ୍ରୀ, ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା, ଆଶା, ଅଙ୍ଗନୱାଡି କର୍ମୀ ଓ ବିଭିନ୍ନ ବିଭାଗୀୟ କର୍ମଚାରୀ, ଜନ ସାଧାରଣଙ୍କୁ ରାଜ୍ୟ ସରକାରଙ୍କ ଜନ କଲ୍ୟାଣକାରୀ ଯୋଜନାଗୁଡ଼ିକ ସମ୍ପର୍କରେ ଅବଗତ କରାଯାଇଥିଲା। ମୁଖ୍ୟ ଅତିଥି ଭାବେ ଜିଲାପରିଷଦ ସଦସ୍ୟ ପ୍ରଦୀପ କୁମାର ସାହୁ, ଭନୁପ୍ରିୟା ପ୍ରଧାନ, ବ୍ଲକ ଅଧ୍ୟକ୍ଷା ସୁମିତ୍ରା ସାହୁ, ସରପଞ୍ଚ ବାବୁଲା ପ୍ରଧାନ, ଅନସୂୟା ସାହୁ, କଳ୍ପନା ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ। ପଞ୍ଚାୟତସ୍ତରରେ ସରକାରଙ୍କ ଯୋଜନାର ସଫଳ ରୂପାୟନ କରିଥିବା ହିତାଧିକାରୀଙ୍କୁ ଅତିଥିମାନେ ସମ୍ମାନିତ କରିଥିଲେ। ବ୍ଲକ ସହକାରୀ ନିର୍ବାହୀ ଯନ୍ତ୍ରୀ ରଞ୍ଜନ କୁମାର ସେଠୀ, ଯନ୍ତ୍ରୀ ଅଜିତ କୁମାର ନାୟକ, କ୍ଷମାସାଗର ସିଂହ, ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ମାନସ ରଞ୍ଜନ ସାହୁ, ପ୍ରଶାନ୍ତ ନାୟକ, ସୁରେଶ ବେହେରା ପ୍ରମୁଖ ସହଯୋଗ କରିଥିଲେ।

# ଶିବିରରେ ହେଲା ସମସ୍ୟାର ସମାଧାନ



ପାଲଲହଡ଼ା,୭।୨(ଦିବ୍ୟଜ୍ୟୋତି ଦାଶ)

ଓଡ଼ିଶା ସରକାରଙ୍କ ଆମ ଓଡ଼ିଶା ନବୀନ ଓଡ଼ିଶା ଯୋଜନାରେ ସଚେତନତା ଶିବିର ପାଲଲହଡ଼ା ବ୍ଲକ ପେଚାମୁଣ୍ଡି ପଞ୍ଚାୟତରେ ଶୁଭାରମ୍ଭ ହୋଇଛି। ଗୋଷ୍ଠୀ ଉନ୍ନୟନ ଅଧିକାରୀ ଦିଲୀପ କୁମାର ବାଡ଼ା ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ପଞ୍ଚାୟତ ସମିତି ଅନ୍ତର୍ଗତ ସମସ୍ତ ଯୋଜନାରେ ସମସ୍ୟା ଭୋଗୁଥିବା ଜନସାଧାରଣ ଏହି ଶିବିରରେ ନିଜ ନିଜର ସମସ୍ୟାର ସମାଧାନ ପାଇପାରିବେ। ଏହାବ୍ୟତୀତ କୃଷି ବିଭାଗ, ଉଦ୍ୟାନ ବିଭାଗ, ବିଦ୍ୟୁତ୍, ମିଶନ ଶକ୍ତି, ସ୍ୱାସ୍ଥ୍ୟ, ବନ ବିଭାଗ ଆଦିର ଅଧିକାରୀମାନେ ଉପସ୍ଥିତ ରହି ସମ୍ପୃକ୍ତ ବିଭାଗରେ ଜନସାଧାରଣଙ୍କ ସମସ୍ୟାର ସମାଧାନ କରିଥିଲେ। ପେଚାମୁଣ୍ଡି ସରପଞ୍ଚ ରମେଶ ଚନ୍ଦ୍ର ପ୍ରଧାନଙ୍କ ପୌରୋହିତ୍ୟରେ ଆୟୋଜିତ ଏହି ଶିବିରରେ ପଞ୍ଚାୟତର ହଜାରେରୁ ଊର୍ଦ୍ଧ୍ୱ ଜନସାଧାରଣ ଯୋଗଦାନ କରିଥିଲେ। ସମିତି ସଭ୍ୟ ରଞ୍ଜନ ବାରିକ, ପଞ୍ଚାୟତ ନିର୍ବାହୀ ଅଧିକାରୀ ବଂଶୀଧର ପ୍ରଧାନ, ଜିଆରଏସ ପତିତପାବନ ନାୟକ ଶିବିର ପରିଚାଳନା କରିଥିଲେ।

# ସକାରାତ୍ମକ ମନୋଭାବ ସଫଳତା ଦେବ

ଅନୁଗୋଳ,୭।୨(ଅମିତ ସାମଲ)

ଅନୁଗୋଳ ବାଲୁଆକଟାସ୍ଥିତ କ୍ରିଏଟିଭ ଟେକ୍‌ନୋ କଲେଜରେ ବାର୍ଷିକ କ୍ରୀଡ଼ା ଏବଂ 'ଫନ ଫେୟାର' ପାଳିତ ହୋଇଯାଇଛି। କଲେଜ ଚେୟାରମ୍ୟାନ ଜ୍ଞାନେନ୍ଦ୍ର ସାହୁ ଏଥିରେ ଅଧ୍ୟକ୍ଷତା କରିଥିଲେ। ଛାତ୍ରୀଛାତ୍ରମାନେ ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ଛାତ୍ର ବିଭାଗରେ ସୌରଭ ସାହୁ ଏବଂ ଛାତ୍ରୀ ବିଭାଗରେ ସତାବ୍ଦୀ ଦାସ ଚାମ୍ପିୟନ ହୋଇଥିଲେ। ପରେ କଲେଜର ଶୀତକାଳୀନ ଉତ୍ସବ 'ଫନ ଫେୟାର' ଆୟୋଜିତ ହୋଇଥିଲା। ଛାତ୍ରୀ ଈପସିତା ସାହୁ ଅତିଥି ପରିଚୟ ଦେଇଥିଲେ। ମୁଖ୍ୟ ଅତିଥି ଭାବେ ଅନୁଗୋଳ ନାଟ୍ୟମ ସଂସ୍ଥାର ପ୍ରତିଷ୍ଠାତା ସୁଧାଂଶୁ ମୋହନ ଦ୍ୱିବେଦୀ, ଅନ୍ୟତମ ଅତିଥି ଭାବେ କଲେଜ ଚେୟାରମ୍ୟାନ ଜ୍ଞାନେନ୍ଦ୍ର ସାହୁ, ଅଧ୍ୟକ୍ଷ କ୍ରିଷ୍ଣାଶିଷ୍ ମିଶ୍ର ଯୋଗ ଦେଇଥିଲେ। ସକାରାତ୍ମକ ମନୋଭାବ ନେଇ ଆଗକୁ ବଢ଼ିଲେ ସଫଳତା ମିଳିବ ବୋଲି ଅତିଥିମାନେ ମତପ୍ରକାଶ କରିଥିଲେ। କ୍ରୀଡ଼ା ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ଅଭିନନ୍ଦନ ଜଣାଇଥିଲେ। ପରେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। କଲେଜର ଲୋକସମ୍ପର୍କଅଧିକାରୀ ସତ୍ୟଶିବ ସୁନ୍ଦର ଦେହୁରୀ ଧନ୍ୟବାଦ ଦେଇଥିଲେ।


କ୍ରିଏଟିଭ ଟେକ୍‌ନୋ କଲେଜରେ ବାର୍ଷିକ କ୍ରୀଡ଼ା ଅବସରରେ ପ୍ରତିଯୋଗିତା ଚାଲିଛି।

# ଜିଲିଣ୍ଡା କଦଳୀପାଳ ବାର୍ଷିକ ମାଘମେଳା



ତାଳଚେର,୭।୨ (ମନୋଜ ନନ୍ଦ)

ତାଳଚେର ବ୍ଲକ ହେଁସମୂଳ ପଞ୍ଚାୟତର ଜିଲିଣ୍ଡା କଦଳୀପାଳ ଗ୍ରାମରେ ୮ମ ବାର୍ଷିକ ମାଘମେଳା ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ସକାଳୁ ସ୍ଥାନୀୟ ବଙ୍ଗାରୁଯୋର ଠାରୁ ଗ୍ରାମର ବହୁ ମହିଳା ପୁରୁଷ କଳସରେ ପାଣି ଆଣି ଯଜ୍ଞ ମଣ୍ଡପ ଯାଏ ଆସିଥିଲେ। ପରେ ସେଠାରେ ପୂଜାର୍ଚ୍ଚନା ଆରମ୍ଭ ହୋଇଥିଲା। ୬ଟି ସଂକୀର୍ତ୍ତନ ମଣ୍ଡଳୀ ହରିନାମ ପରିବେଷଣ କରିଥିଲେ। କହ୍ନେଇ ଶତପଥୀ ପୂଜା କାର୍ଯ୍ୟ କରିଥିବାବେଳେ କର୍ତ୍ତା ଭାବରେ ମକୁନ୍ଦ ପରିଡା କାର୍ଯ୍ୟ ତୁଲାଇଥିଲେ। ଏହି ମାଘ ମେଳାରେ ଅନୁଗୋଳ ସଂଯୁକ୍ତ କେନ୍ଦ୍ର ସମବାୟ ସମିତି ସଭାପତି ସନ୍ତୋଷ ପ୍ରଧାନ, ହେଁସମୂଳ ସରପଞ୍ଚ ସୁମିତା ସାହୁ, ପୂର୍ବତନ ସରପଞ୍ଚ ଖୁଲଣା ପରିଡ଼ା ପ୍ରମୁଖ ଯୋଗଦେଇଥିଲେ। ଗ୍ରାମର ସାମାଜିକ କର୍ମୀ ସଞ୍ଜୟ ଜାଲ, ଅଭୟ ପରିଡା, ସିଲୁ ଜାଲ, ଦୁଃଶାସନ ପରିଡା, ଦୀପକ ବିଶ୍ୱାଳ, ଅଜିତ ସାହୁ, ଅମରେଶ ପରିଡା ପ୍ରମୁଖ ସକ୍ରିୟ ସହଯୋଗ କରିଥିଲେ। ଶେଷରେ ସାମୂହିକ ପ୍ରସାଦ ସେବନ କରାଯାଇଥିଲା।

# ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ କାୟାକଳ୍ପ ଟିମ୍

ଛେଣ୍ଡିପଦା,(ଅଜିତ ଧଳ)/ ବଇଣ୍ଡା, ୭।୨ (ପରିକ୍ଷିତ ସାହୁ)

ଛେଣ୍ଡିପଦା ବ୍ଲକ ପାତ୍ରପଡା ଗଡ଼ମଣ୍ଡଳସ୍ଥିତ ସ୍ୱାସ୍ଥ୍ୟ ଆରୋଗ୍ୟ କେନ୍ଦ୍ର ତଥା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟର ୨ ଜଣିଆ କାୟାକଳ୍ପ ଟିମ୍ ପହଞ୍ଚି ସ୍ଥିତି ସମୀକ୍ଷା କରିଛନ୍ତି। ଅନୁଗୋଳ ଜିଲା ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର ପୂର୍ଣ୍ଣିମା ଉଦ୍‌ଗାତା, ସୂର୍ଯ୍ୟନାରାୟଣ ଦତ୍ତ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ସଫେଇ ପରିଚାଳନା ବ୍ୟବସ୍ଥା ପରଖିଥିଲେ। ପରେ ଏହି ଟିମ୍ ଡାକ୍ତରଖାନାର ରକ୍ଷଣାବେକ୍ଷଣ, ପରିମଳ ଏବଂ ସ୍ୱଚ୍ଛତା, ଔଷଧ ବିତରଣ କେନ୍ଦ୍ର, ଔଷଧୀୟ ଉଦ୍ୟାନ, ବର୍ଜ୍ୟବସ୍ତୁ ପରିଚାଳନା, ସଂକ୍ରମଣ ନିୟନ୍ତ୍ରଣ ଆଦି ନିରୀକ୍ଷଣ କରିଥିଲେ। ଶେଷରେ ଏହି ଟିମର ସଦସ୍ୟ ଡାକ୍ତର ବୈକୁଣ୍ଠ ସାହୁ, ଫାର୍ମାସିଷ୍ଟ ମଦନ ମୋହନ ସାହୁ, ନର୍ସିଂ ଅଫିସର ଏଲିନା ପ୍ରଧାନଙ୍କ ସମେତ ଅନ୍ୟ କର୍ମଚାରୀ ଓ ରୋଗୀମାନଙ୍କ ସହିତ ଆଲୋଚନା କରିଥିଲେ। ସେହିପରି କିଶୋରନଗର ବ୍ଲକ ବଇଣ୍ଡା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ମଙ୍ଗଳବାର କେନ୍ଦ୍ରୀୟ ଟିମ୍ ପରିଦର୍ଶନ କରିଛନ୍ତି। କେନ୍ଦ୍ରୀୟ ଟିମର ଡାକ୍ତର ସୁଶ୍ରୀଶାନ୍ତ ତ୍ରିପାଠୀ, ଡାକ୍ତର ଅର୍ଦ୍ଧେନ୍ଦୁ ଭୂଷଣ ପ୍ରହରାଜ ଯୋଗଦେଇ ମେଡିକାଲର ସ୍ୱାସ୍ଥ୍ୟ ଗୁଣବତା ଯାଞ୍ଚ କରିବା ସହ ରୋଗୀଙ୍କୁ ଉପଯୁକ୍ତ ସ୍ୱାସ୍ଥ୍ୟସେବା ଯୋଗାଇ ଦେବା ପାଇଁ ପରାମର୍ଶ ଦେଇଥିଲେ। ଏଥିରେ ବଇଣ୍ଡା ମେଡିକାଲ ଡାକ୍ତର ଅନୁରାଧା ସାହୁ, ଆୟୁଷ ଡାକ୍ତର ସରୋଜ ନନ୍ଦ, ବିପିଏମ୍ ଅଜିତ୍ ସାହୁ, ଦୁଷ୍ମନ୍ତ ଦେହୁରୀ ପ୍ରମୁଖ ଉପସ୍ଥିତ ଥିଲେ।


ପାତ୍ରପଡା ଗଡ଼ମଣ୍ଡଳସ୍ଥିତ ସ୍ୱାସ୍ଥ୍ୟ ଆରୋଗ୍ୟ କେନ୍ଦ୍ରରେ କାୟାକଳ୍ପ ଟିମ୍ ସହ ଅନ୍ୟମାନେ।



ବଇଣ୍ଡା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ କାୟାକଳ୍ପ ଟିମ୍ ସହ ଡାକ୍ତର ଓ କର୍ମଚାରୀମାନେ।

# ଓଡ଼ିଆ ଭାଷାର ଗୁରୁତ୍ୱ ବିଷୟରେ ଆଲୋଚନା



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ ପୁରସ୍କାର ପ୍ରଦାନ କରୁଛନ୍ତି।

କାମାକ୍ଷାନଗର,୭।୨(ଅମ୍‌ଜାଦ୍ ଖାନ୍)

କାମାକ୍ଷାନଗର ବ୍ଲକ ବାଇଶିଙ୍ଗା ସରକାରୀ ଉଚ୍ଚ ବିଦ୍ୟାଳୟଠାରେ ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ଆନୁକୂଲ୍ୟରେ ବ୍ଲକସ୍ତରୀୟ ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସାହିତ୍ୟ ଓଡ଼ିଆ ସୃଜନଶୀଳତା ଉତ୍ସବ ପାଳିତ ହୋଇଯାଇଛି। ସ୍ଥାନୀୟ ସରପଞ୍ଚ ସନ୍ତୋଷ କୁମାର ସାହୁ, ବିଦ୍ୟାଳୟର ପ୍ରଧାନଶିକ୍ଷକ ସୁରେନ୍ଦ୍ର ବେହେରା, ଏବିଇଓ ଓ ସିଆରସିସି ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଉକ୍ତ ଉତ୍ସବରେ ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ଛାତ୍ରୀଛାତ୍ରଙ୍କ ମଧ୍ୟରେ ବକ୍ତୃତା, ଚିତ୍ରାଙ୍କନ, କୁଇଜ ପ୍ରତିଯୋଗିତା ସହ ଓଡ଼ିଆ ଭାଷା ସଂସ୍କୃତି ଆଧାରିତ ପ୍ରଦର୍ଶନୀ କରାଯାଇଥିଲା। ଆୟୋଜିତ ସଭାରେ ଓଡ଼ିଆ ଭାଷାର ଗୁରୁତ୍ୱ ବିଷୟରେ ଆଲୋଚନା କରାଯାଇଥିଲା। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷ ପ୍ରେମାନନ୍ଦ ସାହୁ, ମୁଖ୍ୟ ବକ୍ତା ଅଧ୍ୟାପକ ପ୍ରସନ୍ନ କୁମାର ନାୟକ, ସମ୍ମାନିତ ଅତିଥି ଜିଲା ପରିଷଦ ସଦସ୍ୟା ଦୀପ୍ତିମୟୀ ବିଶ୍ୱାଳ, ଅବସରପ୍ରାପ୍ତ ଶିକ୍ଷକ ପ୍ରାଣବନ୍ଧୁ ବେହେରା, ଏବିଇଓ କୃଷ୍ଣଚନ୍ଦ୍ର ଭୋଇ, ଅମ୍ବିକା ସାହୁ ପ୍ରମୁଖ ଯୋଗ ଦେଇଥିଲେ। କାମାକ୍ଷାନଗର ଗୋଷ୍ଠୀ ଶିକ୍ଷା ଅଧିକାରୀ ସରୋଜ କୁମାର ସାହୁ ସଭାପତିତ୍ୱ କରିଥିବାବେଳେ ପ୍ରଧାନ ଶିକ୍ଷକ ସୁରେନ୍ଦ୍ର ବେହେରା ପରିଚାଳନା କରିଥିଲେ। ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯିବା ସହିତ ଭଏସ ଅଫ ଓଡ଼ିଶାରେ ଭାଗ ନେଇଥିବା ଅଭିଷେକ ଶତପଥୀଙ୍କୁ ମାନପତ୍ର ଓ ପୁରସ୍କାର ଦେଇ ସମ୍ମାନିତ କରାଯାଇଥିଲା।

**ହନୁମାନ ମନ୍ଦିର ବାର୍ଷିକ ଉତ୍ସବ**

ବଲଙ୍ଗା,(ପରିଚିତ ସାହୁ): ଆଠମଲ୍ଲିକ ବ୍ଲକ ଠାକୁରଗଡ଼ ଗ୍ରାମ ହନୁମାନ ମନ୍ଦିରର ପଞ୍ଚମ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ପରିଚାଳନା କମିଟି ପକ୍ଷରୁ କଳସ ଯାତ୍ରା ପରେ ପୂଜା ଆରମ୍ଭ ହୋଇଥିଲା। ଏଥିରେ ହୋମଯଜ୍ଞ ସହ ହନୁମାନ ଚାଳିଶା ପାଠ କରାଯାଇଥିଲା। ନାମ ସଂକୀର୍ତ୍ତନରେ ମନ୍ଦିର କମ୍ପି ଉଠିଥିଲା। ଦିବାକର ପ୍ରଧାନ, ବିନିତା ପ୍ରଧାନ ଭକ୍ତ ହୋଇଥିଲେ। ଗୋକୁଳା ନନ୍ଦ ଶତପଥୀ, ନବକୁମାର ବେହେରା, ଅକ୍ଷୟ ବିଶ୍ୱାଳ, ପଦ୍ମନାଭ ରାଉତ, ପବନ ସାହୁ ପ୍ରମୁଖ ସହଯୋଗ କରିଥିଲେ।

# କଠିନ ପରିଶ୍ରମ ଲକ୍ଷ୍ୟସ୍ଥଳରେ ପହଞ୍ଚାଇବ



ସିଙ୍ଗା ରାଉତଲା ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅବସରରେ ଅତିଥିମାନେ।

ଢେଙ୍କାନାଳ,୭।୨ (ରତନ ନାୟାର)

ଢେଙ୍କାନାଳ ଜିଲା ଗଁଦିଆ ବ୍ଲକ ସିଙ୍ଗା ରାଉତଲା ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ସୋମବାର ପାଳିତ ହୋଇଯାଇଛି। ପ୍ରଧାନ ଶିକ୍ଷକ କ୍ଷୀରୋଦ ଚନ୍ଦ୍ର ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ସିଡିଆଇ ଜକ୍ ଭିକାରୀ ଚରଣ ରାଉତ ଯୋଗଦେଇ କହିଲେ, କଠିନ ପରିଶ୍ରମ ଓ ଦୃଢ଼ ସଂକଳ୍ପ ନେଲେ ଛାତ୍ରଛାତ୍ରୀମାନେ ଜୀବନର ଲକ୍ଷ୍ୟସ୍ଥଳରେ ପହଞ୍ଚି ପାରିବେ। ମୁଖ୍ୟବକ୍ତା ଭାବେ ପରିବେଶବିତ୍ ଉପେନ୍ଦ୍ର ରାଉତ ଯୋଗଦେଇ ଅମ୍ଳଜାନ ପାଇଁ ଚାରା ରୋପଣ କରିବା ଉପରେ ମତ ଦେଇଥିଲେ। ସରପଞ୍ଚ ଲକ୍ଷ୍ମୀପ୍ରିୟା ସାମଲ ପିଲାମାନେ ଚରିତ୍ରବାନ ହେବା ପାଇଁ ଆହ୍ୱାନ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ପ୍ରମୋଦ ମିଶ୍ର ଯୋଗଦେଇ ଛାତ୍ରଛାତ୍ରୀମାନେ ଆଦର୍ଶବାଦୀ ହେବାକୁ କହିଥିଲେ। ଏହି ଅବସରରେ ଅତିଥିମାନେ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ଶେଷରେ ଛାତ୍ରଛାତ୍ରୀମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକ, କର୍ମଚାରୀ ଓ ପରିଚାଳନା କମିଟି ସଦସ୍ୟ ସହଯୋଗ କରିଥିଲେ।

# ଫସଲ ସୁରକ୍ଷା ପାଇଁ ଚାଷୀଙ୍କ ଅଭିନବ ପ୍ରୟାସ

## ବନ୍ୟଜନ୍ତୁଙ୍କ ଉପଦ୍ରବ ନେଇ ବଢ଼ୁଛି ଚିନ୍ତା

ଢେଙ୍କାନାଳ,୭।୨ (ରତନ ନାୟାର)

ଢେଙ୍କାନାଳ ଜିଲା ଗଁଦିଆ ବ୍ଲକ କରମୁଳ, ଯୋରନ୍ଦା ଓ ମନ୍ଦାର ପଞ୍ଚାୟତର ବ୍ରାହ୍ମଣୀ ନଦୀ କୂଳରେ କରୁଥିବା ଚିନା ବାଦାମ, ସୋରିଷ ଓ ଜଡ଼ା ଚାଷ ଆଦି ବନ୍ୟଜନ୍ତୁଙ୍କ ଉପଦ୍ରବରେ ପ୍ରଭାବିତ ହେଉଛି। ବିଶେଷକରି ହାତୀ, ବାରହା ଆଦି ଫସଲ ନଷ୍ଟ କରୁଥିବାରୁ ଏହାକୁ ନେଇ ଚାଷୀମାନେ ଚିନ୍ତିତ ହୋଇପଡିଛନ୍ତି। ତେଣୁ ସେମାନେ ଚାଷକୁ ସୁରକ୍ଷା ଦେବା ପାଇଁ ଏକ ଅଭିନବ ପ୍ରୟାସ ଆରମ୍ଭ କରିଛନ୍ତି। ବିଲ ମଝିରେ ବିୟର ବୋତଲ ସହିତ ଲୁହାର ନଟ୍ ଓ କାଗଜପେଟି ଝୁଲାଇଛନ୍ତି। କିଛି ପବନ ହେଲେ ନଟ୍‌ଟି ବୋତଲରେ ବାଜି ଜୋର୍ ଶବ୍ଦ ସୃଷ୍ଟି କରୁଛି। ଫଳରେ ଭୟରେ ବନ୍ୟଜନ୍ତୁମାନେ ପୂର୍ବପରି ଚାଷ ଜମିକୁ ଆସୁନାହାନ୍ତି। ଏହା ଚାଷୀଙ୍କ ଫସଲ ରକ୍ଷା ଚିନ୍ତାକୁ କିଛିମାତ୍ରାରେ ଲାଘବ କରିପାରିଛି।


ଚିନା ବାଦାମ ଫସଲକୁ ସୁରକ୍ଷା ପାଇଁ ଚାଷୀମାନେ ବୋତଲ ଓ ଲୁହା ନଟ୍ ଟାଙ୍ଗିଛନ୍ତି।

ଚାଷୀମାନଙ୍କ କହିବା ଅନୁଯାୟୀ, ଏଠାରୁ ଚିନା ବାଦାମ ରାଜ୍ୟର ବିଭିନ୍ନ ଜିଲା ସମେତ ଆନ୍ଧ୍ରପ୍ରଦେଶ, ପଶ୍ଚିମବଙ୍ଗ ଓ ଛତିଶଗଡ଼କୁ ରପ୍ତାନି ହୋଇଥାଏ। କିନ୍ତୁ କିଛିବର୍ଷ ହେବ ବନ୍ୟଜନ୍ତୁଙ୍କ ଉପଦ୍ରବ ଯୋଗୁ ବ୍ରାହ୍ମଣୀ ନଦୀ କୂଳରେ ଥିବା ଏହି ୩ ପଞ୍ଚାୟତର ଚିନା ବାଦାମ ଚାଷ ଅଧିକ କ୍ଷତିଗ୍ରସ୍ତ ହେଉଛି। ବନବିଭାଗ ନିକଟରେ ଅଭିଯୋଗ କରାଗଲେ ମଧ କ୍ଷତିପୂରଣ ମିଳୁନ ଥିବା ଚାଷୀ ନିର୍ମଳ କୁମାର ଟିନାଗ୍ୟା, ଚିନ୍ତାମଣି ତ୍ରିପାଠୀ ଓ ବିରଞ୍ଚି କିଶୋର ମଲ୍ଲିକ ପ୍ରମୁଖ ଅଭିଯୋଗ କରିଛନ୍ତି। ତେଣୁ ଅନ୍ୟ ଉପାୟ ନ ପାଇ ଚିନା ବାଦାମ ଚାଷକୁ ସୁରକ୍ଷିତ କରିବା ପାଇଁ ନିଜସ୍ୱ ବୁଦ୍ଧିରେ ଏଭଳି ଉପାୟ ଆରମ୍ଭ କରିଥିବା ଚାଷୀମାନେ ପ୍ରକାଶ କରିଛନ୍ତି।

# ତୀର୍ଥଯାତ୍ରାରେ ଗଲେ ୧୧୧ ବରିଷ୍ଠ ନାଗରିକ

ଢେଙ୍କାନାଳ,୭।୨ (ରତନ ନାୟାର)

ଢେଙ୍କାନାଳ ଜିଲାର ୧୧୧ଜଣ ବରିଷ୍ଠ ନାଗରିକ ବୁଧବାର ଅପରାହ୍ଣ ୩ଟାରେ ତୀର୍ଥଯାତ୍ରାରେ ତିରୁପତି ଓ ଭେଲୋର ଯାତ୍ରା ଆରମ୍ଭ କରିଛନ୍ତି। ରାଜ୍ୟ ସରକାରଙ୍କ ବରିଷ୍ଠ ନାଗରିକ ତୀର୍ଥ ଯୋଜନା ଅନୁଯାୟୀ ଏହି ବରିଷ୍ଠ ନାଗରିକ ତୀର୍ଥ ଯାତ୍ରାକୁ ଜିଲା କାର୍ଯ୍ୟାଳୟ ସମ୍ମୁଖରୁ ଜିଲା ପରିଷଦ ସଭାପତି ଅର୍ଚ୍ଚନା ପୁହାଣ, ଜିଲାପାଳ ମନୋରଞ୍ଜନ ମଲ୍ଲିକ ଓ ଏମ୍‌ପିଙ୍କ ପ୍ରତିନିଧି ପ୍ରତାପ ଦାସ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏହି ତୀର୍ଥଯାତ୍ରୀମାନେ ଭୁବନେଶ୍ୱରରେ ରାତ୍ରିଯାପନ କରିବା ପରେ ଗୁରୁବାର ପୂର୍ବାହ୍ଣରେ ଏକ ସ୍ୱତନ୍ତ୍ର ଟ୍ରେନ୍ ଯୋଗେ ତିରୁପତି ଓ ଭେଲୋର ଯାତ୍ରା କରିବେ। ଭୁବନେଶ୍ୱର ରେଳ ଷ୍ଟେଶନରୁ ଏହି ତୀର୍ଥଯାତ୍ରାକୁ ମୁଖ୍ୟମନ୍ତ୍ରୀ ଶୁଭାରମ୍ଭ କରିବେ। ଜିଲାର ତୀର୍ଥ ଯାତ୍ରୀମାନଙ୍କ ସହ ୫ଜଣ ଏସ୍‌କର୍ଟ ଅଫିସର ଯାଇଛନ୍ତି। ଜିଲା ପର୍ଯ୍ୟଟନ ଅଧିକାରୀ ଜଗଦୀଶ ରାୟ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।


ଢେଙ୍କାନାଳ ଜିଲା କାର୍ଯ୍ୟାଳୟ ସମ୍ମୁଖରେ ପତାକା ଦେଖାଇ ତୀର୍ଥଯାତ୍ରାର ଶୁଭାରମ୍ଭ କରାଯାଉଛି।

# ତାଳଧ୍ୱଜ ରଥ ଚକକୁ ଜଗନ୍ନାଥ ସେବା ପରିଷଦର ସ୍ୱାଗତ

## ସ୍ୱତନ୍ତ୍ର ଖୋଲା ଗୃହରେ ସ୍ଥାପନ ଦାବି

ଢେଙ୍କାନାଳ,୭।୨ (ରତନ ନାୟାର)

ଶ୍ରୀକ୍ଷେତ୍ରରୁ ଅଣାଯାଇଥିବା ମହାପ୍ରଭୁ ଶ୍ରୀବଳରାମଙ୍କ ପ୍ରସିଦ୍ଧ ତାଳଧ୍ୱଜ ରଥର ଚକ ଢେଙ୍କାନାଳର ପ୍ରାଚୀନ ଶ୍ରୀଶ୍ରୀ ସିଦ୍ଧ ବଳରାମ ଜୀଉଙ୍କ ମନ୍ଦିରରେ ମଙ୍ଗଳବାର ସ୍ଥାନିତ କରାଯାଇଛି। ଏହି ରଥ ଚକକୁ ଢେଙ୍କାନାଳ ଶ୍ରୀଜଗନ୍ନାଥ ପରିଷଦ ପକ୍ଷରୁ ସ୍ୱାଗତ କରାଯାଇଛି। ସର୍ବସାଧାରଣଙ୍କ ଦର୍ଶନ ସୁବିଧା ପାଇଁ ମନ୍ଦିର ପ୍ରବେଶ ଦ୍ୱାର ପରେ ରହିଥିବା ବଉଳ ଗଛ ନିକଟସ୍ଥ ଏକ ସ୍ୱତନ୍ତ୍ର ଖୋଲା ଗୃହରେ ଏହାକୁ ସ୍ଥାୟୀ ଭାବେ ରଖିବା ପାଇଁ ପରିଷଦ ପକ୍ଷରୁ ଦାବି କରାଯାଇଛି। ଜିଲା ଦେବୋତ୍ତର ବିଭାଗ ଏଥିପ୍ରତି ଦୃଷ୍ଟି ଦେବାକୁ ଅନୁରୋଧ କରାଯାଇଛି। ରଥଚକ ପ୍ରଦାନ କରିଥିବା ଶ୍ରୀମନ୍ଦିର ପ୍ରଶାସନକୁ ଶ୍ରୀଜଗନ୍ନାଥ ସେବା ପରିଷଦ ପକ୍ଷରୁ କୃତଜ୍ଞତା ଜ୍ଞାପନ କରାଯାଇଛି। ମଙ୍ଗଳବାର ରାତି ୯ଟାରେ ଅନୁଷ୍ଠିତ ପୂଜାର୍ଚ୍ଚନା ଓ ଏହି କାର୍ଯ୍ୟକ୍ରମରେ ଯୁବରାଜ ଅମରଜ୍ୟୋତି ସିଂହଦେଓ, ରାଜ ପୁରୋଧା ଶଶୀ ଶେଖର ମିଶ୍ର, ଉପଜିଲାପାଳ ତଥା ଦେବୋତ୍ତର ଅଧିକାରୀ ସପନ କୁମାର ନନ୍ଦ, ସେବା ପରିଷଦ ସଭାପତି ପ୍ରଦ୍ୟୁମ୍ନ ରଥ, ସମ୍ପାଦକ ଅଶୋକ ନନ୍ଦ, ସଭ୍ୟ ପ୍ରେମ ଶଙ୍କର ମିଶ୍ର, ମନୋରଞ୍ଜନ ମିଶ୍ର, ପ୍ରଶାନ୍ତ ସାମଲ ପ୍ରମୁଖ ଉପସ୍ଥିତ ଥିଲେ।


ତାଳଧ୍ୱଜ ରଥ ଚକକୁ ଜଗନ୍ନାଥ ସେବା ପରିଷଦର ପକ୍ଷରୁ ସ୍ୱାଗତ କରାଯାଉଛି।

# ନିଉ ଇଣ୍ଡିଆ ଦ୍ୱାରା ବାଉଁଶ କାରିଗରଙ୍କୁ ପ୍ରଶିକ୍ଷଣ

ଢେଙ୍କାନାଳ,୭।୨ (ରତନ ନାୟାର)

ବାଉଁଶ ତିଆରି ସୌଖୀନ ସାମଗ୍ରୀର ଚାହିଦା ବଢ଼ାଇବା ପାଇଁ ନିଉ ଇଣ୍ଡିଆ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସନ୍ଥପୁର ଏବଂ ଓଡ଼ିଆ ବାଉଁଶ ଉନ୍ନୟନ ସଂସ୍ଥା ଭୁବନେଶ୍ୱରର ମିଳିତ ସହଯୋଗରେ ଢେଙ୍କାନାଳ ଜିଲା ଗଁଦିଆ ଏବଂ ପୋରୁହଖୋଜ ପଞ୍ଚାୟତର ୨୫ଜଣ ବାଉଁଶ କାରିଗରଙ୍କୁ ପ୍ରଶିକ୍ଷଣ ଦିଆଯାଇଛି। ନିଉ ଇଣ୍ଡିଆ ପ୍ରଶିକ୍ଷଣ କେନ୍ଦ୍ର ସନ୍ଥପୁରଠାରେ ଗତ ୮ ତାରିଖରୁ ୬ ତାରିଖ ପର୍ଯ୍ୟନ୍ତ ଏହି ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା। ପ୍ରଶିକ୍ଷକ ଭାବେ କଳ୍ପନା ସାହୁ ଯୋଗଦେଇଥିଲେ। ନିଉ ଇଣ୍ଡିଆ ଅନୁଷ୍ଠାନର ପ୍ରକଳ୍ପ ସଂଯୋଜକ କୈଳାସ ଚନ୍ଦ୍ର ରାଉତ, ବାଉଁଶ ଉନ୍ନୟନ ସଂସ୍ଥାର ଡେପୁଟି ରେଞ୍ଜର ଅନିତ କୁମାର ପଟ୍ଟନାୟକ ଏହାକୁ ସଂଯୋଜନା କରିଥିଲେ। ମଙ୍ଗଳବାର ଉଦ୍‌ଯାପନୀ ଦିବସରେ ବାଉଁଶ ଉନ୍ନୟନ ସଂସ୍ଥାର



ଅଧିକାରୀମାନଙ୍କ ସହ ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ସାମିଲ ହୋଇଥିବା କାରିଗରମାନେ।

ପ୍ରକଳ୍ପ ନିର୍ଦ୍ଦେଶକ ସୁଦୀପ କୁମାର ନାୟକ ଓ ଉପ ନିର୍ଦ୍ଦେଶିକା କିରଣବାଳା ସାମନ୍ତରାୟ ପ୍ରମୁଖ ଯୋଗଦେଇ ସମସ୍ତ କାରିଗରଙ୍କୁ ବାଉଁଶ ବଣକୁ ନେଇ ବାଉଁଶ କିପରି କଟିଂ ହେବ ଏବଂ କଟିଂ ହେଉଥିବା ମୂଳର କିପରି ଯତ୍ନ ନେଲେ, ମୂଳରେ ଭଲ କୁଆଁ ବାହାରିବ ତାହା ଦେଖାଇଥିଲେ। ନିଉ ଇଣ୍ଡିଆ ଅନୁଷ୍ଠାନ ସମ୍ପାଦକ ଶେଷଦେବ ରାଉତ ପରିଚାଳନା କରିବା ସହ ସମସ୍ତ କାରିଗର କିପରି ଭାରତ ସରକାରଙ୍କ ବିଶ୍ୱକର୍ମା ଯୋଜନାରେ ଅନ୍ତର୍ଭୁକ୍ତ ହେବା ସହ କିପରି ଆର୍ଥିକ ସହଯୋଗ ପାଇପାରିବେ ତାହା ଉପରେ ଆଲୋକପାତ କରିଥିଲେ। ଏହି ଉପଲକ୍ଷେ ପ୍ରଶିକ୍ଷଣ ନେଉଥିବା ବାଉଁଶ କାରିଗରଙ୍କୁ ବାଉଁଶ ଉନ୍ନୟନ ସଂସ୍ଥା ଭୁବନେଶ୍ୱର ନିର୍ଦ୍ଦେଶକ ସୁଦୀପ କୁମାର ନାୟକ ପ୍ରଶିକ୍ଷଣ ପ୍ରମାଣପତ୍ର ପ୍ରଦାନ କରିଥିଲେ।

# ଶକ୍ତି ସମ୍ବାଦ ଓ ସମ୍ପର୍କ ଅଭିଯାନ କାର୍ଯ୍ୟକ୍ରମ

ପରଜଙ୍ଗ,୭।୨ (ନିଗମାନନ୍ଦ ଦଳବେହେରା)

ଢେଙ୍କାନାଳ ଜିଲା ପରଜଙ୍ଗ ନିର୍ବାଚନ ମଣ୍ଡଳୀ ମୁକ୍ତାପଶିଠାରେ ଭାଜପା ମହିଳା ମୋର୍ଚ୍ଚା ପକ୍ଷରୁ ପରଜଙ୍ଗ ମଣ୍ଡଳର ଶକ୍ତି ସମ୍ବାଦ ଓ ସମ୍ପର୍କ ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଭାଜପା ରାଜ୍ୟ ମହିଳା ମୋର୍ଚ୍ଚା ସମ୍ପାଦିକା ରଶ୍ମିରେଖା ଦାସ, ଜିଲା ମହିଳା ମୋର୍ଚ୍ଚା ସଭାପତି ମମତା ସ୍ୱାଇଁ, ସାଧାରଣ ସମ୍ପାଦିକା ଯଶସ୍ୱିନୀ ରାଉତ, ଅଶାନ୍ତି ସାହୁ, ମହିଳା ମୋର୍ଚ୍ଚା ମଣ୍ଡଳ ସଭାନେତ୍ରୀ ସସ୍ମିତା ସାହୁ ଓ ପରଜଙ୍ଗ ବ୍ଲକ ଅଧ୍ୟକ୍ଷା ଶର୍ମିଷ୍ଠା ଦଳବେହେରା ପ୍ରମୁଖ ଉପସ୍ଥିତ ଯୋଗଦେଇ କେନ୍ଦ୍ର ସରକାରଙ୍କ ବିଭିନ୍ନ ଯୋଜନା ବିଷୟରେ ଉପସ୍ଥିତ ମହିଳା ନେତ୍ରୀମାନଙ୍କୁ ବୁଝାଇଥିଲେ। ଏହି କାର୍ଯ୍ୟକ୍ରମରେ ପରଜଙ୍ଗ ମଣ୍ଡଳର ସମସ୍ତ ପଞ୍ଚାୟତରୁ ମହିଳା ନେତ୍ରୀମାନେ ଯୋଗ ଦେଇଥିଲେ।



କାର୍ଯ୍ୟକ୍ରମରେ ଉପସ୍ଥିତ ଭାଜପା ନେତ୍ରୀ ଓ ନେତାମାନେ।

# ବିଦ୍ୟାଳୟ ଏକ ମଣିଷ ତିଆରି କାରଖାନା


ବାର୍ଷିକୋତ୍ସବ ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ।

ଢେଙ୍କାନାଳ,୭।୨ (ରତନ ନାୟାର)

ଢେଙ୍କାନାଳ ସଦର ବ୍ଲକ ଗେଙ୍ଗୁଟିଆ ସରକାରୀ ଉ.ପ୍ରା. ବିଦ୍ୟାଳୟର ବାର୍ଷିକ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ସରପଞ୍ଚ କୈଳାସ ଚନ୍ଦ୍ର ଦେହୁରୀ, ସମ୍ମାନିତ ଅତିଥି ଭାବେ ସମିତିସଭ୍ୟା ଚିନା ସେଠୀ, ପରିଚାଳନା ସମିତି ସଭାପତି ପ୍ରଗତି ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ମୁଖ୍ୟ ବକ୍ତା ଭାବେ ମୋ ସ୍କୁଲ୍ ଅଭିଯାନର ଅଧ୍ୟକ୍ଷ ପ୍ରଦୀପ କୁମାର ମଲ୍ଲିକ ଯୋଗଦେଇ ଆଗାମୀ ଭବିଷ୍ୟତରେ କିପରି ସୁନାଗରିକ ହୋଇପାରିବେ ସେ ବିଷୟରେ ଛାତ୍ରୀଛାତ୍ରମାନଙ୍କୁ ଦିଗ୍‌ଦର୍ଶନ ଦେବା ସହ ବିଦ୍ୟାଳୟ ଏକ ମଣିଷ ତିଆରି କାରଖାନା ଓ ଶିକ୍ଷୟିତ୍ରୀଶିକ୍ଷକମାନେ ଯନ୍ତ୍ରୀ ବୋଲି ବକ୍ତବ୍ୟ ରଖିଥିଲେ। ପ୍ରଧାନଶିକ୍ଷୟିତ୍ରୀ ଜୟଶ୍ରୀ ପ୍ରିୟଦର୍ଶିନୀ ଶତପଥୀ ବାର୍ଷିକ ବିବରଣୀ ପାଠ କରିଥିଲେ। ବରିଷ୍ଠ ଶିକ୍ଷୟିତ୍ରୀ ଅଞ୍ଜଳି ପଟ୍ଟନାୟକ, ଶିକ୍ଷୟିତ୍ରୀ ଅନିମା ସାହୁ, କ୍ରୀଡା, ନୃତ୍ୟ ଶିକ୍ଷୟିତ୍ରୀ ରେବତୀ ସାହୁ ଓ ଶିକ୍ଷକ ଅରୁଣ ସାହୁ ପ୍ରମୁଖ ସହଯୋଗ କରିଥିଲେ। ପରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ଛାତ୍ରୀଛାତ୍ରମାନେ ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

# କୌଶଳ, ମନୋବଳ ସୁରକ୍ଷାରେ ସହାୟକ ହେବ

ଢେଙ୍କାନାଳ,୭।୨ (ରତନ ନାୟାର)

ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ ଇନ୍ଦିପୁର ଗ୍ରାମର ସଚ୍ଚିଦାନନ୍ଦ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ୮ଦିନ ଧରି ଚାଲିଥିବା ଆତ୍ମରକ୍ଷା ତାଲିମ ଶିବିର ଉଦ୍‌ଯାପିତ ହୋଇଯାଇଛି। ରାଜ୍ୟ ସରକାରଙ୍କ ଦ୍ୱାରା ଆୟୋଜିତ ଏହି ବାଳିକ ଆତ୍ମରକ୍ଷା କୌଶଳ ଶିବିରରେ ୭୧ଜଣ ବାଳିକା ଯୋଗ ଦେଇଥିଲେ। ପ୍ରଶିକ୍ଷିକା ଅସୀମା ପ୍ରିୟଦର୍ଶିନୀ ତାଲିମ ପ୍ରଦାନ କରିଥିଲେ। ଭାରପ୍ରାପ୍ତ ଅଧିକାରୀ ଦୁର୍ଗାମାଧବ ପାଣିଗ୍ରାହୀଙ୍କ ତତ୍ତ୍ୱାବଧାନରେ ଏହି ତାଲିମ ଅନୁଷ୍ଠିତ ହୋଇଥିଲା। ଅଧ୍ୟକ୍ଷ ପ୍ରଦୀପ କୁମାର ମିଶ୍ର ଛାତ୍ରୀମାନଙ୍କୁ ପ୍ରମାଣପତ୍ର ବଣ୍ଟନ କରି କୌଶଳ ସହ ମନୋବଳ ଆମକୁ ସୁରକ୍ଷାରେ ସହାୟକ ହେବ ବୋଲି କହିଥିଲେ। ଅନୁଷ୍ଠାନର ସମସ୍ତ ଅଧ୍ୟାପିକା ଅଧ୍ୟାପକ ଓ କର୍ମଚାରୀ ସହଯୋଗ କରିଥିଲେ।


ଆତ୍ମରକ୍ଷା ତାଲିମ ଶିବିରରେ ଉପସ୍ଥିତ ଅତିଥି ଓ ଛାତ୍ରୀମାନେ।

# ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

ଢେଙ୍କାନାଳ,୭।୨ (ରତନ ନାୟାର)

ଢେଙ୍କାନାଳ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ବାଳିକାଙ୍କ ନିମନ୍ତେ ଉଦ୍ଦିଷ୍ଟ ଆତ୍ମରକ୍ଷା ପ୍ରଶିକ୍ଷଣ କାର୍ଯ୍ୟକ୍ରମ ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଦିବସ କାର୍ଯ୍ୟକ୍ରମରେ ସଂଯୋଜିକା ଡ. ଟୁକୁନି ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ। ମୁଖ୍ୟ ଅତିଥି ଭାବେ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଜ୍ୟୋତି ଶଙ୍କର ସାହୁ ଯୋଗଦେଇ ଆତ୍ମବିଶ୍ୱାସର ସହିତ ଜୀବନର ସମସ୍ତ ସମସ୍ୟା ସମାଧାନ କରିବାକୁ ମାନସିକ ସ୍ତରରେ ଜାଗ୍ରତ ହେବା ପାଇଁ ପରାମର୍ଶ ଦେଇଥିଲେ। ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରଫେସର ଡ. ପୂର୍ଣ୍ଣଚନ୍ଦ୍ର ବରାଳ, ନାରୀ ଶକ୍ତିର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ମହାବିଦ୍ୟାଳୟର ପ୍ରଶାସନିକ ଅଧିକାରୀ ଡ. ଦେବାଶିଷ ମହାନ୍ତି ଛାତ୍ରୀମାନଙ୍କୁ ମା' ଦୁର୍ଗା ଓ ଲକ୍ଷ୍ମୀଙ୍କ ସହିତ ତୁଳନା କରିଥିଲେ। ଦର୍ଶନ ବିଭାଗ ମୁଖ୍ୟ ପ୍ରଫେସର ସାରଦା ପ୍ରସନ୍ନ ପତି ଆତ୍ମରକ୍ଷାର ସୁଫଳ ଉପରେ ଆଲୋକପାତ କରିଥିଲେ। ୮ଦିନ ଧରି ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ୨୭୪ଜଣ ଛାତ୍ରୀ ଉତ୍ସାହର ସହ ପ୍ରଶିକ୍ଷଣ ଗ୍ରହଣ କରିଥିଲେ। ସସ୍ମିତା ମହାରଣା, ବନ୍ଦନା ବିଶ୍ୱାଳ, ପୂଜା ବେହେରା ପ୍ରଶିକ୍ଷଣ ଦେଇଥିଲେ। ଅଧ୍ୟାପିକା ସସ୍ମିତା ରାୟ ଧନ୍ୟବାଦ ପ୍ରଦାନ କରିଥିଲେ। ଗଣିତ ବିଭାଗ ଅଧ୍ୟାପିକା ପୁଷ୍ପାଞ୍ଜଳି ମହାପାତ୍ର, ଶ୍ରେୟାଶ୍ରୀ ଖୁଣ୍ଟିଆ ଓ ସୁଶ୍ରୀ ସୁଭଶ୍ରୀ ରାଉତରାୟ ପ୍ରମୁଖ ସହଯୋଗ କରିଥିଲେ।


ବାଳିକା ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ଶେଷରେ ଅତିଥିମାନେ ପ୍ରମାଣପତ୍ର ପ୍ରଦାନ କରୁଛନ୍ତି।

# ପ୍ରତିଭାଙ୍କୁ ନିଃଶୁଳ୍କ ପ୍ରଶିକ୍ଷଣ ଉଦ୍ୟମ ହେବ

ଢେଙ୍କାନାଳ,୭।୨ (ରତନ ନାୟାର)

ଢେଙ୍କାନାଳ ଜିଲାର ଅଗ୍ରଣୀ କ୍ରିକେଟ କ୍ଲବ ୫-ଷ୍ଟାର ପକ୍ଷରୁ ଜିଲାର କ୍ରିକେଟ ପ୍ରତିଭାମାନଙ୍କୁ ବିନା ମୂଲ୍ୟରେ ପ୍ରଶିକ୍ଷଣ ଦେବା ଏବଂ ଜିଲାରେ କ୍ରିକେଟ ଖେଳକୁ ଅଧିକ କ୍ରିୟାଶୀଳ କରିବା ପାଇଁ ଉଦ୍ୟମ କରାଯିବା ଉପରେ ଆଲୋଚନା ହୋଇଛି। ବୁଧବାର ସହର ଉପକଣ୍ଠରେ ଥିବା ବୋରାପଦାଠାରେ କ୍ଲବର ଅନୁଷ୍ଠିତ ସାଧାରଣ ବୈଠକରେ ସଦସ୍ୟମାନେ ଏ ନେଇ ମତ ପ୍ରଦାନ କରିଛନ୍ତି। ୧୯୮୬ ମସିହାରୁ ପ୍ରତିଷ୍ଠିତ ଏହି କ୍ରିକେଟ କ୍ଲବ ରାଜ୍ୟରେ ଅନେକ ପ୍ରତିଯୋଗିତାରେ ଭାଗନେଇ ଜିଲା ପାଇଁ ଗୌରବ ଆଣିଛି। କ୍ଲବ ପକ୍ଷରୁ କ୍ରୀଡ଼ାର ବିକାଶ ପାଇଁ ଅନେକ ସଦସ୍ୟଙ୍କ ଦ୍ୱାରା ଷ୍ଟାଡିୟମରେ ପ୍ରଶିକ୍ଷଣ କାର୍ଯ୍ୟ ଜାରି ରହିଛି ବୋଲି କ୍ଲବର ଅଧିନାୟକ ପ୍ରଶାନ୍ତ ଭଞ୍ଜ ସୂଚନା ଦେଇଥିଲେ। ବୈଠକ ପ୍ରାରମ୍ଭରେ କ୍ଲବର ଦିବଙ୍ଗତ ସଦସ୍ୟ ମନୋଜ ମହାପାତ୍ର, ଚକ୍ରଧର ପାତ୍ର, ସତ୍ୟଜିତ ପଟ୍ଟନାୟକଙ୍କ ପାଇଁ ନୀରବ ପ୍ରାର୍ଥନା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ କ୍ଲବର ବରିଷ୍ଠ ସଦସ୍ୟ ଗୋପାଳ ପାତ୍ର, ହେମନ୍ତ ଖଟୁଆ, ଦେବୀ ପ୍ରସାଦ ରଥ, ଶଶିଭୂଷଣ ସାହୁ, ପ୍ରଭାତ ପାଳ, ରାଜୁ ପାଣ୍ଡେ, ବିବେକ ସ୍ୱାଇଁ, ଲକ୍ଷ୍ମୀକାନ୍ତ ସାହୁ, ମିହିର ଦାସ, ମନୋଜ ଦାସ, ପ୍ରଶାନ୍ତ ଜେନା, ସୁବ୍ରତ ମିଶ୍ର, ଅଶୋକ ପାତ୍ର, ସରୋଜ ସ୍ୱାଇଁ, ଲକ୍ଷ୍ମୀ ନାରାୟଣ ପଟ୍ଟନାୟକ, ଜୟନ୍ତ ଛତର, ସତ୍ୟ ନାରାୟଣ ପଟ୍ଟନାୟକ, ସୁଶାନ୍ତ ନାୟକ, ରାଜ କୁମାର ପାଳ, ବିଷ୍ଣୁ ଶତପଥୀ, ସଂଗ୍ରାମ ମିଶ୍ର, ରିଆଜ ଅଲ୍ଲୀ, ପୀତବାସ ସାହୁ, ଜିତାଂଶୁ ପଟ୍ଟନାୟକ ଓ ସାଗିର ମହମ୍ମଦ ପ୍ରମୁଖ ଉପସ୍ଥିତ ରହି ନିଜର ମତ ପ୍ରଦାନ କରିଥିଲେ।



ଷ୍ଟାର କ୍ରିକେଟ କ୍ଲବର ସାଧାରଣ ବୈଠକରେ ଯୋଗଦେଇଥିବା ସଦସ୍ୟମାନେ ।

